# ଶବ୍ଦ ପ୍ରଦୂଷଣ ଓ ଆଧୁନିକ ମଣିଷ

ସୁକାନ୍ତ ମହାନ୍ତି

ଆଜି ସାରା ବିଶ୍ୱରେ ଯେଉଁ କେତେକ ମୁଖ୍ୟ ସମସ୍ୟା ବା ପ୍ରଦୂଷଣ ଦେଖାଦେଇଛି, ସେଥିମଧ୍ୟରୁ ଧ୍ୱନି ବା ଶବ୍ଦ ପ୍ରଦୂଷଣ ଅନ୍ୟତମ । ଯେଉଁ ରାଷ୍ଟ୍ର ଆଜି ଆଧୁନିକତାର ଦ୍ୱାହି ଦେଇ ଯେତେ ଉନ୍ନତ ସଭ୍ୟ, ଶିକ୍ଷିତ ବୋଲାଉଛି, ସେହି ରାଷ୍ଟ୍ର ସେତିକି ପରିମାଣରେ ଧ୍ୱନି ପ୍ରଦୂଷଣର ଶିକାର ହେଉଛି ।

ତେବେ ମନରେ ପ୍ରଶ୍ନ ଆସୁଛି ଏହି ଶବ୍ଦ କିପରି ସୃଷ୍ଟି ହେଲା ? ପ୍ରଥମେ ଆଦିମ ମଣିଷ ବଣ ଜଙ୍ଗଲରେ ବାସ କରୁଥିଲା । ଭାବର ଆଦାନ ପ୍ରଦାନ ପାଇଁ ତାଳିମାରି ଶବ୍ଦ ଉତ୍ପନ୍ନ ହେଲା, ପରେ ସେ ମନର ଭାବକୁ ଏହି ଶବ୍ଦ ଦ୍ୱାରା ଭାଷା ସୃଷ୍ଟି କଲା ଏବଂ ଏହି ଭାଷା ସାହାଯ୍ୟରେ ସେ ତାହାର ମନର ଅକୁହା କଥା କହିପାରିଲା



ଧୀରେ ଧୀରେ ଦେଖାଗଲା ମଣିଷ ଭାବର ଆଦାନପ୍ରଦାନ ଓ ସେ ନିଜର ଖୁସି ପାଇଁ ସଙ୍ଗୀତ, ନାଟକ ପ୍ରତି ଆକୃଷ୍ଟ ହେଲା । ନିଜର ଜୀବନକୁ ଅଧିକ ରଙ୍ଗୀନ କରିବା ପାଇଁ ଆବଶ୍ୟକ ହେଲା ବିଭିନ୍ନ ଯନ୍ତ୍ରପାତି ।

ତା'ପରେ ସେ ବିଭିନ୍ନ ଯନ୍ତ୍ରର ଉଦ୍ଭାବନ କଲା । ଏହାପରେ ସେ ଦେଖିଲା ଯେ ଦେଶକୁ ଏକ ଉନ୍ନତ ରାଷ୍ଟ୍ରରେ ପରିଗଣିତ କରିବାକୁ ହେଲେ ଦେଶର ଶିଳ୍ପକୁ ଉନ୍ନତି କରିବାକୁ ହେବ । ବିଜ୍ଞାନକୁ ଉନ୍ନତି କରିବାକୁ ହେବ । କୃଷିର ଉନ୍ନତି କରିବାକୁ ହେବ । ତେଣୁ ଏହି ମନୁଷ୍ୟ ସମାଜ ଲାଗି ପଡ଼ିଲା ସେହି ସବୁର ଉନ୍ନତି ଦିଗରେ । ଯାହା ଫଳରେ ତାର ପରିଣାମ ହେଲା କଣ ?...... ବର୍ତ୍ତମାନ ବାୟୁ ଜଳ, ଶବ୍ଦ ଆଦି ଆମ ପରିବେଶକୁ ଦୂଷିତ କରୁଛି, ଅଙ୍ଗାରକାମ୍ଳର ପରିମାଣ ବୃଦ୍ଧି ପାଉଛି । ତେଣୁ ଦିନକୁ ଦିନ ଉତ୍ତାପ ମଧ୍ୟ ବୃଦ୍ଧି ପାଉଛି । ଏହାଦ୍ୱାରା ଆମକୁ ବିଭିନ୍ନ ରୋଗର ଶିକାର ହେବାକୁ ପଡୁଛି । ଏହିପରି ଅନେକ କଥା.... ହେଲେ ଯଦି ଆମେ ବିଚାର କରିବା, ଏହିସବୁ ପ୍ରଦୂଷଣର ମୂଳ କିଏ ? କିଏ ଏହି ପରିବେଶକୁ ଦୂଷିତ କରୁଛି ? ଏହି ପ୍ରଶ୍ନ ପଚାରିଲେ ଉତ୍ତର ଆସିବ..... ଆଧୁନିକ ମଣିଷ।

ବର୍ତ୍ତମାନ ଯୁଗରେ ଆମର ମାନବ ସମାଜ ନିଜର ଜାଣତ ବା ଅଜାଣତରେ ଏହି ଶବ୍ଦ ପ୍ରଦୂଷଣର ଶିକାର ହେଉଛନ୍ତି । ଏବେ ଆଉ ସ୍ନିଗ୍ଧ, ଶାନ୍ତ, କୋଳାହଳଶୂନ୍ୟ ସକାଳ ବା ସଞ୍ଜଟିଏ ପାଇବା ବଡ଼ କଷ୍ଟ ହୋଇଗଲାଣି । ଭୋର ସକାଳୁ ବିଭିନ୍ନ ପକ୍ଷୀମାନଙ୍କର ମଧୁର ସ୍ୱର କାକଳି ଆଉ ଶୁଣିବାକୁ ମିଳୁନି । ପ୍ରକୃତିର କୌଣସି ସଙ୍ଗୀତ ଆଉ କାନ ପାଖରେ ପହଞ୍ଚି ପାରୁନି । କାରଣ ପକ୍ଷୀ ଉଠିବା ଆଗରୁ ମଣିଷ ସୃଷ୍ଟ କୃତ୍ରିମ ଓ କର୍କଶ ଶବ୍ଦ ଶୁଭୁଛି । ସକାଳୁ ଆରମ୍ଭ ହୋଇ ସାରା ରାତି ତମାମ୍ ମାଇକ୍ ଘୋ ଘୋ ହୋଇ ବାଜି ଲୋକମାନଙ୍କୁ ଅତିଷ୍ଠ କରୁଛି । ଆମେ ବିବାହ, ବ୍ରତ, ପୂଜାପର୍ବ, ଯାତ୍ରା ଏହି ସବୁ ସମୟରେ ଡ଼ାକବାଜି ଯନ୍ତ୍ର ଆଦିରୁ ଉଚ୍ଚ ସ୍ୱରରେ ସଙ୍ଗୀତ ପ୍ରଚାର ନକଲେ ନିଜକୁ ସମସ୍ତଙ୍କ ନିକଟରେ ହୀନ ମନେ କରୁଛୁ । ଡାକବାଜି ଯନ୍ତ୍ର, (ଷ୍ଟେରିଓ) ଭିଡ଼ିଓ ବନ୍ଦୋବସ୍ତ ନଥିବା ବସ୍‌ରେ ସେ ଟିକେଟ କରି ଯିବାକୁ ଇଚ୍ଛା କରୁନି । କାରଣ ସଙ୍ଗୀତ ନବାଜିଲେ ବସ୍‌ଯାତ୍ରା ଆମମାନଙ୍କ ପାଇଁ ଅସହ୍ୟ ହେବ ।

ସବୁଆଡେ ସ୍ୱାସ୍ଥ୍ୟ ପ୍ରତି ଶବ୍ଦର କ୍ଷୟକାରକ ଶକ୍ତି ବଢ଼ି ଚାଲିଛି । ଆମେ ଆଜି ବିଜୁଳି କାଟରେ ଅତିଷ୍ଠ ହୋଇପଡୁଛେ । ଦେଶରେ ବିଜୁଳିର ଅଭାବ ଦେଖାଯିବାରୁ ବିଜୁଳିକାଟ କରାଯାଉଛି । ହେଲେ ଏହି ବିଜୁଳି କାଟ ଆମେ ସହ୍ୟ କରିପାରୁନେ । ଯାହା ଫଳରେ ତା'ର ପ୍ରତିବଦଳରେ ଆମେ ଲଗାଇ ଦେଇଛେ ଅସଂଖ୍ୟ ଜେନେରେଟର । ତା'ରି ଘଡ଼ ଘଡ଼ ଶବ୍ଦରେ ଆମ କାନ କାଲରେ ପରିଣତ ହୋଇପଡୁଛି । ଆମକୁ ଆଉ ଧୀର ଶବ୍ଦ ଶୁଣାଯାଉନି । ତା' ଛଡ଼ା ଏହି ଶହ ଶହ ଜେନେରେଟରର ଘଡଘଡ ଶବ୍ଦ ଓ ରାସ୍ତାକୁ ସେଗୁଡ଼ିକର ବିଷାକ୍ତ କାର୍ବନ – ମନୋକ୍ସାଇଡ଼ ଓ ଅଙ୍ଗାରକାମ୍ଳ ଗ୍ୟାସ୍ ଛାଡ଼ି ବାୟୁକୁ ପ୍ରଦୂଷିତ କରାଉଛନ୍ତି ।

ବାୟୁରେ ପ୍ରଦୂଷକଗୁଡ଼ିକର ସଂଖ୍ୟା ଶତାଧିକ ହୋଇଥିଲେ ମଧ ସାରା ବିଶ୍ୱରେ ବାୟୁକୁ ପ୍ରଦୂଷିତ କରିବାରେ ୫ଟି ଉପ୍ତାଦନର ଅବଦାନ ୯୦% ରୁ ଅଧିକ । ଏଗୁଡ଼ିକ ହେଲା – ୧)କାର୍ବନ ଯୌଗିକ ୨) ନାଇଟ୍ରୋଜେନ୍ ଅକସାଇଡ଼ସ୍ ୩) ହାଇଡ୍ରୋକାର୍ବନସ୍ ୪) ସଲଫର ଅକ୍ସାଇଡ଼ସ୍ ୫) କଣିକା ରାଜି ବାୟୁକୁ ପ୍ରଦୂଷିତ କରାଇବାରେ ମୋଟର ଯାନଗୁଡ଼ିକର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସହରାଞ୍ଚଳ ଏବଂ ଶିଳ୍ପାଞ୍ଚଳରେ ଭୂମି ନିକଟସ୍ଥ ବାୟୁସ୍ତର ଭୂମି ଉପରୁ ୧ରୁ ୧୦୦ ମିଟର ଉଚ୍ଚତା ପର୍ଯ୍ୟନ୍ତ ବାୟୁସ୍ତର ମଧରେ ପ୍ରଦୂଷକଗୁଡ଼ିକର ମାତ୍ରା ଅଧିକ ରହିଥିବାରୁ ସେହି ବାୟୁ ସର୍ବାଧିକ ପ୍ରଦୂଷିତ ହୋଇଥାଏ ଓ ଏହାର ପ୍ରତିକୂଳ ପ୍ରଭାବ ମୃତ୍ତିକା, ପ୍ରାଣୀ ଓ ଉଦ୍ଭିଦମାନଙ୍କ ଉପରେ ପଡ଼ିଥାଏ । ବାୟୁରେ ଧୂଆଁର ପରିମାଣ ବଢ଼ିଗଲେ ତାହା ସୂର୍ଯ୍ୟାଲୋକରେ ଥିବା ବାଇଗଣି ବା ଅତିବାଇଗଣି ରଶ୍ମିର ପ୍ରବେଶକୁ ବାଧା ଦିଏ । ଫଳରେ ଏହି ରଶ୍ମି ଚର୍ମରେ ପଡ଼ିପାରେ ନାହିଁ । ଏହି କାରଣରୁ ଭିଟାମିନ୍ 'ଡି'ର ସଂଶ୍ଲେଷଣ ବାଧାପ୍ରାପ୍ତ ହୋଇ ରିକେଟସ ଓ ଅସ୍ଥିଓ ମାଲାସିଆ ରୋଗ ହୋଇଥାଏ ।

ଅନୁଚିତ ସମୟରେ, ଅନୁଚିତ ସ୍ଥାନରେ, ଅନୁଚିତ ଶବ୍ଦକୁ ଧ୍ୱନି କୁହାଯାଏ । ବିଂଶ ଶତାବ୍ଦୀ ଧ୍ୱନିର ଶତାବ୍ଦୀ ରୂପେ ଅପଖ୍ୟାତି ଅର୍ଜନ କରିଛି । ଧ୍ୱନି ସୃଷ୍ଟି କରିବାରେ ମଣିଷର ଭୂମିକା ଅଧିକ ରହିଛି । ଶବ୍ଦର ତୀବ୍ରତାକୁ ଡେସିବଲ ଏକକରେ ପ୍ରକାଶ କରାଯାଇଥାଏ । ଶୂନ୍ୟ ଡ଼େସିବଲ ବିଶିଷ୍ଟ ଶବ୍ଦ ହେଉଛି ସବୁଠାରୁ ନିରାପଦ । ପ୍ରତିଦିନ ୮୫ଡ଼େସିବଲରୁ ଅଧିକ ତୀବ୍ରତାବିଶିଷ୍ଟ ଧୂଆଁ କ୍ଷତିକାରକ । ଶବ୍ଦ ପ୍ରଦୂଷଣର ପ୍ରଭାବକୁ ୨ଭାଗରେ ବିଭକ୍ତ କରାଯାଇଛି । ଯଥା– ୧) ଶ୍ରବଣ ସମ୍ବନ୍ଧିତ ପ୍ରଭାବ ୨) ଶ୍ରବଣ ଅସମ୍ବନ୍ଧିତ ପ୍ରଭାବ ।

୧୬୦ ଡି.ବିରୁ ଅଧିକ ତୀବ୍ର ହୋଇଥିବା ଧ୍ୱନି ସଂସ୍ପର୍ଶରେ ଆସିଲେ କର୍ଣ୍ଣପଟହ ଫାଟିଯାଇ ବଧିରତା ପ୍ରକାଶ ପାଏ । ଶବ୍ଦ ପ୍ରଦୂଷଣ ଯୋଗୁଁ ବ୍ୟକ୍ତିଠାରେ ବିରକ୍ତ, ଉତ୍କଂଠା, ଆଶଙ୍କା ଆଦି ଅନୁଚିତ ହେବା ସହ ଏକାଗ୍ରତା ଓ କାର୍ଯ୍ୟଦକ୍ଷତା ହ୍ରାସ ପାଏ ।

ଅଧିକ କୋଳାହଳ ଆମ ପାଇଁ ଏକ ଅଦରକାରୀ ଧ୍ୱନି । କଥାବାର୍ତ୍ତା କିମ୍ବା କୌଣସି କାର୍ଯ୍ୟକଳାପବେଳେ କୋଳାହଳ ବାଧା ସୃଷ୍ଟି କରେ । ରାସ୍ତାଘାଟର ସ୍କୁଟର ଓ ମୋଟର ଗାଡ଼ିର କେଁ କାଁ ଶବ୍ଦ, ଡ଼ାକାବାଜି ଯନ୍ତ୍ରର କାନଫଟା ଗର୍ଜନ, କାରଖାନାର ଯନ୍ତ୍ରପାତି ଗୁଡ଼ିକର ଘର୍ଘର ନାଦ, ଧ୍ୱନି ପ୍ରଦୂଷଣକୁ ବୃଦ୍ଧି କରେ । ଆଧୁନିକ ସଭ୍ୟତାର ପ୍ରଭାବରେ ଦିନସାରା ତ ବ୍ୟକ୍ତିଟିଏ କୋଳାହଳ ମଧ୍ୟରେ ରହୁଛି । ଅତି କମ୍‌ରେ ସକାଳ ସମୟ, ସନ୍ଧ୍ୟା ସମୟରେ ବା ବିଳମ୍ବିତ ରାତିର ଅବସର ମୁହୂର୍ତ୍ତଗୁଡ଼ିକ ଶାନ୍ତ ରଖାଯାଇ ପାରନ୍ତା ।

ଶବ୍ଦ ପ୍ରଦୂଷଣ ଆମର ବହୁତ କ୍ଷତି କରିଥାଏ । ଏହା ଆମ ଶରୀର ଓ ମନ ଉପରେ ପ୍ରଭାବ ପକାଇଥାଏ । ଏହା ରକ୍ତଚାପ, ହୃଦରୋଗ ଓ ସ୍ନାୟୁବିକ ରୋଗ ଜାତ କରାଏ । ମସ୍ତିଷ୍କରେ ବିକୃତି ହେବା ଫଳରେ ପରବର୍ତ୍ତୀ କାଳରେ ଶିଶୁର ବ୍ୟବହାରରେ ଅସାମଞ୍ଜସ୍ୟ ଦେଖାଯାଇଥାଏ । କାର୍ଯ୍ୟ କରିବାର କ୍ଷମତା କମାଇ ଦିଏ । ସୁଖନିଦ୍ରାରେ ଶବ୍ଦ ଆଘାତ ଦିଏ । ଅଳସୁଆ ଓ ଅକର୍ମଣ୍ୟ କରେ । ମଣିଷକୁ ଜିଜ୍ଞାସୁହୀନ ଓ ହତୋତ୍ସାହ କରି ଗଢ଼ି ତୋଳେ । ରୋଗନିରୋଧକ ଶକ୍ତି କମିଯାଏ । କାର୍ଯ୍ୟ ଦକ୍ଷତା କମିଯାଏ । କାର୍ଯ୍ୟପ୍ରତି ଆଗ୍ରହ କମିଯାଏ । ଆମର ଚାରିପାଖର ଶବ୍ଦ ଅଧିକ ଯୋଗୁଁ ଆମେ ଉଚ୍ଚସ୍ୱରରେ କଥା କହିବାକୁ ବାଧ ହେଉ । ତେଣୁ ଆମର ସ୍ୱରଯନ୍ତ୍ର ବିଶେଷ କଷ୍ଟ ପାଏ । ପରିଶେଷରେ ଆମେ ଗଳା କର୍କଟ ରୋଗରେ ଶିକାର ହେଉ । ଏହି ଶବ୍ଦର ତୀବ୍ରତାକୁ ଡେସିବଲ, ଏକକଦ୍ୱାରା ମପାଯାଏ । ଶୂନ ଡେସିବଲରୁ ଅଧିକ ଧ୍ୱନି ଆମ ଶରୀରପକ୍ଷେ କ୍ଷତିକାରକ । ଏପରିକି ୬୦ରୁ ୭୦ଡେସିବଲ ଧ୍ୱନି ବହୁ ସମୟ ପର୍ଯ୍ୟନ୍ତ ଶୁଣିବା କ୍ଷତିକାରକ । କିନ୍ତୁ ଦେଖାଯାଉଛି ଯେ ଏକ ମୋଟର ସାଇକେଲର ଧ୍ୱନି ପ୍ରାୟ ୧୧୦ ଡେସିବଲ । ଜେଟ୍ ବିମାନ ଆକାଶମାର୍ଗକୁ ଉଠିଲା ବେଳକୁ ଏହାର ଧ୍ୱନି ୧୩୦ ଡେସିବଲ୍ ହୋଇଥାଏ । ପୁଣି ଦେଖାଦେଇଛି ଯେ, ଗ୍ରାମାଞ୍ଚଳ ଅପେକ୍ଷା ସହରରେ ଆମେ ବେଶୀ ଏହି ଗାଡ଼ି ମୋଟର, ଡାକବାଜିଯନ୍ତ୍ର ଆଦି ବିଭିନ୍ନ ଯନ୍ତ୍ର ବ୍ୟବହାର କରୁଛେ । ତା'ଛଡ଼ା ସହରାଞ୍ଚଳରେ ବେଶୀ କଳକାରଖାନା ଦେଖାଯାଉଛି । ତେଣୁ ଆମେ ଏହି ଉଚ୍ଚ ଶବ୍ଦ ଭିତରେ ନିଜକୁ ଚଳାଇବାରୁ ଆଉ ଧୀର ଶବ୍ଦରେ ଆମେ ଶୁଣି

ପାରୁନେ । ଆମେ ସମସ୍ତେ ଜାଣିଛେ ଶୂନ ଡେସିବଲରେ ଆସ୍ତେ ଶୁଣାଯିବ । କିନ୍ତୁ ଯଦି ଏହି ସହରାଞ୍ଚଳର ଲୋକଙ୍କୁ ପରୀକ୍ଷା କରାଯାଏ ତେବେ ଦେଖାଯିବ ପ୍ରାୟ ଲୋକ କଳା । ଏଥିରୁ ଜଣାଯାଉଛି ସହରରେ ବସବାସ କରି ଧୀରେ ଧୀରେ ଆମେ କଳା ହେବାକୁ ଯାଉଛେ । ତେଣୁ ଏହି ଶବ୍ଦ ପ୍ରଦୂଷଣର ନିରାକରଣ ପାଇଁ ଉପଯୁକ୍ତ ନିୟମାବଳୀ ପ୍ରଣୟନର ଆବଶ୍ୟକତା ରହିଛି । ଜନଚେତନା ସୃଷ୍ଟି ପାଇଁ ସ୍ୱେଚ୍ଛାସେବୀ ଅନୁଷ୍ଠାନର ଭୂମିକାକୁ ଗୁରୁତ୍ୱ ଦେବା, ଦୂରଦର୍ଶନ, ବେତାର ଓ ସମ୍ବାଦପତ୍ର ମାଧ୍ୟମରେ ଏହାକୁ ପ୍ରଚାର ଓ ପ୍ରସାର କରିବା ।

ବିଭିନ୍ନ ପ୍ରକାର ଶବ୍ଦ ପ୍ରଦୂଷଣର କଟୁତା ସତ୍ତ୍ୱେ ସାଧାରଣ ବ୍ୟକ୍ତିଟିଏ ତାର ପ୍ରତିବାଦ କରିପାରେନା । ରାସ୍ତାରେ ଚାଲୁଥିବା ଗାଡ଼ି କିଭଳି ହର୍ଣ୍ଣ ବଜାଇବେ ସେ ନେଇ ବି ନିୟମ ରହିଛି । କିନ୍ତୁ ପ୍ରତିବାଦ କରୁଛି କିଏ ? ବିକୃତ ହର୍ଣ୍ଣର ପ୍ରତିବାଦ କଲେ ଗାଡ଼ିର ଚାଳକ ପ୍ରତିବାଦକାରୀଙ୍କୁ ଅପମାନ କରିବାର ଆଶଙ୍କା ରହିଛି । ତେଣୁ କେବଳ ପ୍ରଶାସନ ଏନେଇ କିଛି କରିପାରିବ । କିନ୍ତୁ ଶବ୍ଦର ଝଞ୍ଜାରେ ପ୍ରଶାସନ ନିଷେଧାଦେଶକୁ କିଛି କିଛି ପାଳନ କରନ୍ତି, କିନ୍ତୁ ବଡ଼ ବଡ଼ ପୂଜା ସମୟରେ ଶବ୍ଦ ପ୍ରଦୂଷଣର ମାତ୍ରା ବେଶୀ । ସରକାର ନିୟମ କରି ସାରିଛନ୍ତି ଯେ ନିର୍ଦ୍ଦିଷ୍ଟ ଡେସିବଲଠାରୁ ଅଧିକ ଶବ୍ଦ କରି ବାଣ ଫୁଟାଇଲେ ଜେଲ ବା ଜରିମନା ହେବ । କିନ୍ତୁ କାର୍ଯ୍ୟାନୁଷ୍ଠାନ କରାଯିବା ବାସ୍ତବ କ୍ଷେତ୍ରରେ କେତେ ସଫଳ ହେବ, ତାହା କହିବା ମୁସ୍କିଲ । ଯଥେଷ୍ଟ ଜନସଚେତନତା ଜାଗ୍ରତ ହେଲେ ଶବ୍ଦ ପ୍ରଦୂଷଣର ନିରାକରଣ ସମ୍ଭବ । କିନ୍ତୁ ତାହା ଜାଗ୍ରତ ହେଉନାହିଁ । ଯେପରି କି ସର୍ବସାଧାରଣ ସ୍ଥାନରେ ସିଗାରେଟ୍ ଟାଣିବା, ପଲିଥିନ୍ ବ୍ୟବହାର କରିବା ବିରୋଧରେ ଆଇନ ଅଛି, କିନ୍ତୁ ସେ କଥା ବିଚାର କରୁଛି କିଏ ? ଶବ୍ଦ ପଦୂଷଣ ଆମର ଅନେକ ରୋଗ ବ୍ୟାଧିର କାରଣ । ଜଳ ପ୍ରଦୂଷଣ, ବାୟୁ ପ୍ରଦୂଷଣ ଭଳି ଶବ୍ଦ ପ୍ରଦୂଷଣ ମଧ୍ୟ ବିଭିନ୍ନ ପ୍ରାକୃତିକ ଅସନ୍ତୁଳନର କାରଣ ଅଟେ । ତେଣୁ ଜନସାଧାରଣ ମଧ୍ୟ ଏଇ କଥାକୁ ହୃଦୟଙ୍ଗମ କରିବା ଆବଶ୍ୟକ । ନିଜେ ଖୁସି ହୁଅ ମାତ୍ର ଅନ୍ୟକୁ ଦୁଃଖୀ କର ନାହିଁ ।

ଯଦି ଆମେ ଏହି ଶବ୍ଦ ପ୍ରଦୂଷଣ ନିବାରଣ ଓ ନିୟନ୍ତ୍ରଣ କରିବା ତେବେ କେତେକ ବିଷୟ ପ୍ରତି ନିହାତି ଧ୍ୟାନ ଦେବାକୁ ପଡ଼ିବ । ଯେମିତିକି–୧) ଶବ୍ଦ ଉତ୍ସର ନିୟନ୍ତ୍ରଣ, ୨) ଶବ୍ଦ ସଞ୍ଚାରଣ ନିୟନ୍ତ୍ରଣ, ୩) ଧ୍ୱନି ସଂସ୍ପର୍ଶରେ ଆସୁଥିବା ବ୍ୟକ୍ତିମାନଙ୍କର ସୁରକ୍ଷା, ୪) ଆଇନ୍ ପ୍ରଣୟନ, ୫) ଜନଶିକ୍ଷା ।

୧– ଅଧିକ ଜୋରରେ ଶବ୍ଦ କରୁଥିବା ଯନ୍ତ୍ରକୁ ଦୂରେଇ କରି ସ୍ଥାପନ କରିବା ଏବଂ ଯନ୍ତ୍ରରେ ଧ୍ୱନି ପ୍ରଶମକ ମଫସଲ କିମ୍ବା ଅନ୍ୟାନ୍ୟ ଧ୍ୱନିହ୍ରାସକ ଉପକରଣ ଲଗାଇବା ଦ୍ୱାରା ଧ୍ୱନିର ତୀବ୍ରତା କମିଥାଏ ।

୨–ଧ୍ୱନିକୁ ବାହାରକୁ ଛାଡ଼ି ନଦେବା ପାଇଁ ଏହାର ଚାରିକଡ଼େ ଘେର ତିଆରି କରିବା ଏବଂ କୋଠରୀର କାନ୍ଥଗୁଡ଼ିକୁ ଧ୍ୱନି ଶୋଷଣକାରୀ ସାମଗ୍ରୀଦ୍ୱାରା ଆବୃତ କରିବା ଆବଶ୍ୟକ ।

୩ – ଶବ୍ଦ ପ୍ରଦୂଷଣ ଦ୍ୱାରା ଶ୍ରବଣ ଶକ୍ତି ଉପରେ ଏହାର ପ୍ରଭାବ ଜାଣିବା ପାଇଁ ନିୟମିତ ସମୟ ବ୍ୟବଧାନରେ ଅଡ଼ିଓଗ୍ରାମ୍ ପରୀକ୍ଷା କରାଇବା ଆବଶ୍ୟକ ।

୪ – ଶବ୍ଦ ପ୍ରଦୂଷଣ ନିୟନ୍ତ୍ରଣ କରିବା ନିମନ୍ତେ କଠୋର ଆଇନ୍ ପ୍ରଣୟନ କରିବାର ଆବଶ୍ୟକତା ସୁଦୂରପ୍ରସାରୀ ।

୫– ଶବ୍ଦପ୍ରଦୂଷଣ ଅପକାରିତା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବା ପାଇଁ ଜନଶିକ୍ଷା କାର୍ଯ୍ୟକ୍ରମମାନ ଗ୍ରହଣ କରିବା ଆବଶ୍ୟକ ।

ତେଣୁ ଆସନ୍ତୁ, ଆମେ ସମସ୍ତେ ମିଳିମିଶି ଶବ୍ଦ ପ୍ରଦୂଷଣ ବିରୋଧରେ ଅଭିଯାନ କରିବା, ଯେଉଁ ଜାଗାମାନଙ୍କରେ ଡାକବାଜି ଯନ୍ତ୍ର ବାଜୁଛି ସେଠାର ଅନୁଷ୍ଠାନ୍‌ମାନଙ୍କୁ ଏହା ନବଜାଇବା ପାଇଁ ଅନୁରୋଧ କରିବା । ବସ୍‌ଗୁଡ଼ିକରେ ଷ୍ଟେରିଓ ନଲଗାଇବା ପାଇଁ ଅନୁରୋଧ କରିବା । ଯଦି ବସ୍‌ରେ ଷ୍ଟେରିଓ ଲାଗିଥାଏ, ତେବେ ସେହି ବସ୍‌ରେ ଯାତ୍ରା କରିବା ନାହିଁ । ଭାକ୍ୟୁମ୍ ହର୍ଣ୍ଣ ଓ ଉପଯୁକ୍ତ ଭାବରେ ଶବ୍ଦ ନିୟନ୍ତ୍ରିତ ହୋଇ ନଥିବା ଇଞ୍ଜିନ୍‌ଗୁଡ଼ିକର ବ୍ୟବହାର ନିଷିଦ୍ଧ କରିବା ପାଇଁ ଆମର ପ୍ରଶାସକ ଓ ବିଧାୟକଗଣଙ୍କୁ ସକ୍ରିୟ ହେବା ପାଇଁ ଅନୁରୋଧ କରିବା । ଗାଡ଼ି ଓ ସିନେମାହଲ୍ ମାଲିକମାନଙ୍କୁ ସେମାନଙ୍କର କାର୍ଯ୍ୟକଳାପ ଦ୍ୱାରା ସୃଷ୍ଟି ହେଉଥିବା ଶବ୍ଦ ପ୍ରଦୂଷଣର ସୀମିତକରଣ ପାଇଁ ପ୍ରବର୍ତ୍ତାଇବା ।

ମାର୍ଫତ୍ –ରାଜେନ୍ଦ୍ର ପଟ୍ଟନାୟକ
ଗ୍ରା – ଗୋବିନ୍ଦପୁର
ପୋ–ଲକ୍ଷ୍ମୀପୁର,ଗଞ୍ଜାମ

❖ ❖ ❖